୩୭

୧ ଜାନୁଆରୀ, ୨୦୦୮

**ଭାରତର ଗେଜେଟ୍‌ରେ ପ୍ରକାଶ ନିମନ୍ତେ**
**ଅସାଧାରଣ, ଅଂଶ-୨, ବିଭାଗ ୩, ଉପବିଭାଗ (କ)**
**୧ ଜାନୁୟାରୀ ୨୦୦୮**
**ଭାରତ ସରକାର**
**ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ**

**ନୂଆଦିଲ୍ଲୀ, ୧ ଜାନୁୟାରୀ ୨୦୦୮**

**ବିଜ୍ଞପ୍ତି**

ଏତଦ୍ୱାରା ଜନସାଧାରଣଙ୍କର ଅବଗତି ନିମନ୍ତେ ଗେଜେଟ୍‌ର ନକଲରେ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଇଛି ଯେ ତା ୧୯ ଜୁନ୍ ୨୦୦୭ରିଖରେ ଭାରତର ଗେଜେଟ୍‌ରେ ଭାରତ ସରକାରଙ୍କର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟରେ ଜି.ଏସ୍. ଆର୍.୪୩୭ (ଇ) ବିଜ୍ଞପ୍ତି ଅଧୀନରେ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍-୨୦୦୬ (୨୦୦୭ର ୨ୟ)ର ଧାରା ୧୪ର ଉପଧାରା ୧ର ଆବଶ୍ୟକତା ଦୃଷ୍ଟିରୁ ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ର ଚିଠା ପ୍ରକାଶିତ ହେଲା ଓ ତତ୍‌ସହିତ ପ୍ରକାଶିତ ତାରିଖଠାରୁ ୪୫ ଦିନ ମଧ୍ୟରେ ଏହି ଆଇନ୍ ଯୋଗେ ପ୍ରଭାବିତ ହେଉଥିବା ବ୍ୟକ୍ତିବିଶେଷମାନଙ୍କଠାରୁ ମତାମତ ଓ ଆପତ୍ତିଗୁଡ଼ିକୁ ଆହ୍ୱାନ କରାଯାଉଛି ।

ଏବଂ ଉପରୋକ୍ତ ଗେଜେଟ୍‌ର ନକଲଗୁଡ଼ିକ ୨୫।୦୬।୨୦୦୭ରେ ଜନ ସାଧାରଣଙ୍କ ନିମନ୍ତେ ଉପଲବ୍ଧ ହେଲା ଏବଂ ଜନସାଧାରଣଙ୍କଠାରୁ ଉପରୋକ୍ତ ଚିଠା ନିୟମ ସମ୍ବନ୍ଧରେ ମିଳିଥିବା ଆପତ୍ତି-ଅଭିଯୋଗ ଓ ମତାମତଗୁଡ଼ିକୁ ଉପଯୁକ୍ତଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଚାରକୁ ନିଆଯାଇଛି ।

ତେଣୁ, ବର୍ତ୍ତମାନ ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ର ଧାରା ୧୪ର ଉପଧାରା ୧ ଓ ୨ ଅନୁଯାୟୀ ଏଥିସହିତ କେନ୍ଦ୍ର ସରକାର ଏହିସବୁ ଜଙ୍ଗଲରେ ବସବାସ କରି ଆସୁଥିବା ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କର ମାନ୍ୟତା ନିମନ୍ତେ ଏବଂ ଜଙ୍ଗଲ ଜମିରେ ଜୀବିକା ନିର୍ବାହ ସକାଶେ ଜଙ୍ଗଲ ଅଧିକାର ପ୍ରଦାନ ପାଇଁ ନିମ୍ନଲିଖିତ ନିୟମ ପ୍ରଣୟନ କରିଛନ୍ତି, ଯଥା:

**୧ . ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ:**

୧) ଏହି ଆଇନ୍ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୭ ରୂପେ ସମ୍ବୋଧିତ ହୋଇପାରେ ।

୨) ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସମଗ୍ର ଭାରତରେ ଲାଗୁ ହେବ ।

୩) ସରକାରୀ ଗେଜେଟ୍‌ରେ ପ୍ରକାଶିତ ହେବା ଦିନଠାରୁ ଏହା କାର୍ଯ୍ୟକାରୀ କରାଯିବ ।

**ଆର୍.ସି.ଡି.ସି., ୪୨୪, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭ (ଓଡ଼ିଶା)**
**ଫୋନ୍ : ୯୧-୬୭୪-୨୫୪୭୫୮୫, ୨୫୪୭୮୯୭, ୨୫୫୨୪୯୪, ଫାକ୍ସ : ୨୫୪୦୭୧୬**

